# NATIONAL NEWS BULLETIN (ODIA)
## 29th November - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ୬୦ତମ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଆଜି ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ମୋଟ୍ ଘରୋଇ ଉତ୍ପାଦ ବୃଦ୍ଧି ଲୋକଙ୍କ କଠିନ ପରିଶ୍ରମ ଯୋଗୁଁ ସମ୍ଭବ ହୋଇପାରିଛି; କହିଲେ ପ୍ରଧାନମନ୍ତ୍ରୀ ।
- ଦେଶରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଆରମ୍ଭ ହେବା ପରେ ବିଭିନ୍ନ କ୍ଷେତ୍ରରେ ଲାଭାନ୍ୱିତ ହୋଇଛନ୍ତି ଦେଶବାସୀ ।
- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଏଫ୍.ଆଇ.ଏଚ୍. ପୁରୁଷ ହକି ଜୁନିୟର ବିଶ୍ୱକପ୍‌ରେ ୭-୦ ଗୋଲ୍‌ରେ ଚିଲିକୁ ପରାସ୍ତ କଲା ଭାରତ ।

## ଏଚ୍.ଏମ୍. - ଶାହା - ଡି.ଜି.ପି. ଆଇ.ଜି.ପି.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଛତିଶଗଡ଼ର ରାୟପୁରରେ ଆରମ୍ଭ ହୋଇଥିବା ୬୦ତମ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଆସନ୍ତାକାଲି ମଧ୍ୟ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଭାଗ ନେବେ । ଗତକାଲି ଆରମ୍ଭ ହୋଇଥିବା ଏହି ସମ୍ମିଳନୀକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି ।

ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରୁଥିବା ତତ୍ତ୍ୱଗୁଡ଼ିକୁ ଚିହ୍ନଟ କରିବା ଏବଂ ତାହାର ମୁକାବିଲା କରିବା ନିମନ୍ତେ ରଣନୀତି ସ୍ଥିର କରାଯାଉଛି । ନକ୍ସଲବାଦ ଉପରେ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଗତ ୭ ବର୍ଷରେ କେନ୍ଦ୍ର ସରକାର ୫୮୬ଟି ଥାନାର ସୁଦୃଢ଼ୀକରଣ କରିଛନ୍ତି । ଫଳରେ ୨୦୧୪ରେ ୧୨୬ଟି ନକ୍ସଲ ପ୍ରଭାବିତ ଜିଲ୍ଲାସଂଖ୍ୟା ଏବେ ୧୧କୁ ହ୍ରାସ ପାଇଛି । ଆସନ୍ତା ସମ୍ମିଳନୀ ପୂର୍ବରୁ ଦେଶ ସମ୍ପୂର୍ଣ୍ଣଭାବେ ନଲକ୍ସମୁକ୍ତ ହେବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ସୀମା ସୁରକ୍ଷା ଆହ୍ୱାନ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳ ଏବଂ ଜମ୍ମୁ-କାଶ୍ମୀରରେ ଏଭଳି ସମସ୍ୟାର ସମାଧାନ ନିମନ୍ତେ ସରକାର ସ୍ଥାୟୀ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ କହିଛନ୍ତି, ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ.କୁ ଦୃଢ଼ କରାଯିବା ସହ ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ କରାଯାଇ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନକୁ କଠୋର କରାଯାଇଛି । ସେ କହିଛନ୍ତି, ଦେଶରେ ନିଶାଦ୍ରବ୍ୟ କାରବାର ସମ୍ପୃକ୍ତ ଅପରାଧୀମାନେ ଯେଭଳି ସାମାନ୍ୟତମ ସୁଯୋଗ ନ ପାଇବେ, ତାହାକୁ ଦୃଷ୍ଟିରେ ରଖି ଆଞ୍ଚଳିକ, ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର ଅପରାଧୀମାନଙ୍କୁ ଆଇନ ପରିସର ମଧ୍ୟକୁ ଅଣାଯାଇଛି । ଶ୍ରୀ ଶାହା ନକ୍ସଲବିରୋଧୀ କାର୍ଯ୍ୟକଳାପକୁ ଜୋରଦାର କରିବା ସହ ଏହାର ମୂଳୋତ୍ପାଟନପାଇଁ ସରକାର ସମସ୍ତ ପଦକ୍ଷେପ ନେଉଥିବା କହିଛନ୍ତି ।

ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନ କରିବେ ।

## ଇଣ୍ଡିଆ - ଜି.ଡି.ପି.

ଭାରତର ମୋଟ୍ ଘରୋଇ ଉତ୍ପାଦ - ଜି.ଡି.ପି. ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି । ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସିକ କ୍ଷେତ୍ରରେ ଉତ୍ପାଦନ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ

ଯୋଗୁଁ ଜି.ଡି.ପି. ବୃଦ୍ଧି ପାଇଥିବା ଜଣାପଡ଼ିଛି । ଦ୍ୱିତୀୟ ତ୍ରୈମାସିକରେ ଜି.ଡି.ପି. ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେକ ରେକର୍ଡ଼ ହୋଇଥିବା ୭ ଦଶମିକ ୮ ପ୍ରତିଶତ ଏବଂ ଗତବର୍ଷର ସମାନ ଅବଧିରେ ରେକର୍ଡ଼ ହୋଇଥିବା ୫ ଦଶମିକ ୬ ପ୍ରତିଶତଠାରୁ ଅଧିକ ରହିଛି । ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ନାମମାତ୍ର ଜି.ଡି.ପି. ୮ ଦଶମିକ ୭ ପ୍ରତିଶତକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଦେଶର ମୋଟ୍ ଘରୋଇ ଉତ୍ପାଦର ୧୪ ପ୍ରତିଶତ ଉତ୍ପାଦନ ଦ୍ୱିତୀୟ ତ୍ରୈମାସିକରେ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୨ ଦଶମିକ ୨ ପ୍ରତିଶତ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଜି.ଡି.ପି. ଅଭିବୃଦ୍ଧିକୁ ଉତ୍ସାହଜନକ ବୋଲି କହିଛନ୍ତି । ସେ କହିଛନ୍ତି, ଏହା ସରକାରଙ୍କ ଅଭିବୃଦ୍ଧି ସମର୍ଥିତ ନୀତି ଏବଂ ସଂସ୍କାରର ପ୍ରଭାବକୁ ପ୍ରତିଫଳିତ କରୁଛି । ସେ କହିଛନ୍ତି, ଏହା ଲୋକଙ୍କ କଠୋର ପରିଶ୍ରମ ଏବଂ ଉଦ୍ୟମ ଯୋଗୁଁ ସମ୍ଭବ ହୋଇପାରିଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଜି.ଡି.ପି. ଅଭିବୃଦ୍ଧି ଦେଶର ଅର୍ଥନୈତିକ ଗତିକୁ ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସରକାରଙ୍କ ବିକାଶମୂଳକ ଓ ଜନକୈନ୍ଦ୍ରିକ ଆର୍ଥିକ ପଦକ୍ଷେପ ଯୋଗୁଁ ବର୍ଦ୍ଧିତ ଜି.ଡି.ପି. ଲକ୍ଷ୍ୟ ହ୍ରାସ ହୋଇପାରିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର

ଏହି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ଲାଗି ଆଗାମୀ ଦିନରେ ଆର୍ଥିକ ସଂସ୍କାରମୂଳକ ପଦକ୍ଷେପଗୁଡ଼ିକୁ ଆଗକୁ ନେବାପାଇଁ ପ୍ରୟାସ କରିବେ ।

## ଜି.ଏସ୍.ଟି. - ଫୁଡ୍ ଆଇଟମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗତ ସେପ୍ଟେମ୍ବର ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଆରମ୍ଭ କରିବା ପରେ ବିଭିନ୍ନ କ୍ଷେତ୍ରରେ ଦେଶର ନାଗରିକମାନେ ଲାଭାନ୍ୱିତ ହେଉଛନ୍ତି । ସାମଗ୍ରୀ ଓ ସେବାକର – ଜି.ଏସ୍.ଟି. ହ୍ରାସ ପାଇବା ପରେ ଦେଶରେ ଖାଦ୍ୟଦ୍ରବ୍ୟ ଶସ୍ତା ହେବା ସହ ଖାଦ୍ୟକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି, ଯାହା ଫଳରେ ଉଭୟ କ୍ରୟ ଏବଂ ବିକ୍ରୟ ବୃଦ୍ଧି ପାଇଛି ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସାଧାରଣ ନାଗରିକମାନଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇଛି । ଜି.ଏସ୍.ଟି. ପରିଷଦ ବୈଠକରେ ଅତ୍ୟାବଶ୍ୟକ ଖାଦ୍ୟଦ୍ରବ୍ୟ ଉପରେ ଟିକସ ହ୍ରାସ କରାଯାଇଛି । ନୂଆ ଟିକସ ସଂରଚନା ଅନୁଯାୟୀ ପରଟା, ରୁଟି, ପାଉଁରୁଟି, ପନିର୍, ଅତ୍ୟଧିକ ତାପମାତ୍ରାରେ ଗରମ ହୋଇଥିବା ଦୁଗ୍ଧ ଏବଂ ଅନ୍ୟ କେତେକ ଦୈନନ୍ଦିନ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଉପରେ ଜି.ଏସ୍.ଟି. ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି । ଲହୁଣୀ, ଘିଅ, ନିର୍ଦ୍ଦିଷ୍ଟ ପ୍ରକାରର ଦୁଗ୍ଧ ଏବଂ ଜାମ୍ ଉପରେ ଜି.ଏସ୍.ଟି. ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ନିମ୍ନ ଓ ମଧ୍ୟବିତ୍ତ

ଆୟକାରୀ ପରିବାରଗୁଡ଼ିକ ଲାଭାନ୍ୱିତ ହୋଇଛନ୍ତି । ଏଥିସହିତ ଲୁଣିଯୁକ୍ତ ଖାଦ୍ୟଦ୍ରବ୍ୟ, ଭୂଜିଆ, ବାରମଜା, ପାନୀୟଜଳ ଓ ସସ୍ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଆରମ୍ଭ ହେବା ଦିନଠାରୁ ସାଧାରଣ ବର୍ଗର ଉପଭୋକ୍ତା ବିଭିନ୍ନ ଖାଦ୍ୟସାମଗ୍ରୀ କ୍ରୟ କରିବାଲାଗି ସକ୍ଷମ ହୋଇଥିବାବେଳେ ଦେଶର ଆର୍ଥିକ ବିକାଶରେ ଏହା ସହାୟକ ହୋଇଥିବା ଜଣାପଡ଼ିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ବାଲୋଚ - ପାକ୍-ୟୁ.ଏସ୍.

ବଲୋଚିସ୍ତାନର ମାନବିକ ଅଧିକାର କର୍ମୀ ମିର୍ ୟାର୍ ବଲୋଚ୍' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସାଶନ ଏବଂ ତା'ର ତଦନ୍ତକାରୀ ସଂସ୍ଥାକୁ ବିଶ୍ୱ ସୁରକ୍ଷା ଦିଗରେ ପାକିସ୍ତାନର ଭୂମିକା ନେଇ ସଠିକ୍ ଭାବେ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ବଲୋଚିସ୍ତାନରେ ପାକିସ୍ତାନୀ ସେନାର ଅମାନୁଷିକ କାର୍ଯ୍ୟକୁ ଦୃଷ୍ଟିରେ ରଖି ଆତଙ୍କୀ ତାଲିକାରେ ପାକିସ୍ତାନକୁ ଶୀର୍ଷରେ ରଖାଯିବା ଆବଶ୍ୟକ ।

ଅନେକ ରିପୋର୍ଟ ଏବଂ ବିଶେଷଜ୍ଞମାନଙ୍କ ମତାମତକୁ ଆଧାର କରି ସେ କହିଛନ୍ତି, ପାକିସ୍ତାନର ଆଇ.ଏସ୍.ଆଇ. ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକ ଆତଙ୍କବାଦୀ କାର୍ଯ୍ୟକଳାପର ମୁଖ୍ୟ ସୂତ୍ରଧାର ପାଲଟିଛନ୍ତି । ସେ କହିଛନ୍ତି, ଆବୋଟାବାଦ୍‌ରେ ଥିବା ପାକିସ୍ତାନୀ ସାମରିକ ପ୍ରତିଷ୍ଠାନରେ ଓସାମା ବିନ୍ ଲାଡେନ୍‌କୁ ଲୁଚାଇ ରଖାଯାଇଥିଲା । ପୂର୍ବତନ ସେନାମୁଖ୍ୟ ତଥା ରାଷ୍ଟ୍ରପତି ପରଭେଜ୍ ମୁଶାରଫ୍' ଆତଙ୍କବାଦୀ ହାଫିଜ୍ ସୟିଦ ଏବଂ ଓସାମା ବିନ୍ ଲାଡେନ୍‌କୁ ପାକିସ୍ତାନର ହିରୋ ବୋଲି ବର୍ଣ୍ଣନା କରିଥିବା ବିଷୟକୁ ମଧ୍ୟ ସେ ଉପସ୍ଥାପନ କରିଛନ୍ତି ।

ଅନ୍ୟପକ୍ଷରେ ଆମେରିକାକୁ ମିଥ୍ୟା ତଥ୍ୟ ଦେଇ ଲକ୍ଷ ଲକ୍ଷ କୋଟି ଟଙ୍କା ସହାୟତା ପାଉଥିବା ପାକିସ୍ତାନର ଆଇ.ଏସ୍.ଆଇ. ନିର୍ଦ୍ଦେଶକ ପୂର୍ବରୁ ମନ୍ତବ୍ୟ ଦେଇଥିବା ବିଷୟ ସେ ପ୍ରକାଶ କରିଛନ୍ତି ।

## ଇଣ୍ଡୋନେସିଆ - ଫ୍ଲଡ୍

ଇଣ୍ଡୋନେସିଆର ଉତ୍ତର ସୁମାତ୍ରା ଅଞ୍ଚଳରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୧୭୪କୁ ବୃଦ୍ଧି ପାଇଛି । ସେଠାକାର ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ ଅଣାଅଶୀ ଜଣ ନିଖୋଜ ଥିବା ସୂଚନା ଦିଆଯାଇଛି । ଭୂସ୍ଖଳନ ଓ ବନ୍ୟାରେ ୧୨ ଜଣ ଆହତ ହୋଇଛନ୍ତି ।

ଉତ୍ତର ସୁମାତ୍ରାରେ ୧୧୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୨ ଜଣ ନିଖୋଜ ଅଛନ୍ତି । ବନ୍ୟା ଏବଂ ଭୂସ୍ଖଳନରେ ଅନେକଗୁଡ଼ିଏ ରାସ୍ତା ଏବଂ ସେତୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୩ ହଜାରରୁ ଅଧିକ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । କେତେକ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ । ତେବେ ଗତ ଗୁରୁବାର ଦିନ ସମ୍ପୃକ୍ତ ଅଞ୍ଚଳରେ ୬ ଦଶମିକ ୩ ସାନ୍ଦ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲେ ମଧ୍ୟ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି ।

# ସ୍ପୋର୍ଟସ - ରାଉଣ୍ଡ ଅପ୍

୨୦ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ତାମିଲନାଡୁର ମହାବଲୀପୁରମ୍ ଏଫ୍.ସି. ମାଡ୍ରାସ୍ ଏକାଡେମୀରେ ଉଜ୍‌ବେକିସ୍ତାନ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ । ଆଜି ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୫ଟାରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ୨୦୨୬ ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ପାଇଁ ଭାରତୀୟ ଦଳ ଚୟନ କରାଯିବାକୁ ଥିବାରୁ ଏହି ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ୨୪ ଜଣିଆ ଦଳ ଘୋଷଣା କରାଯାଇଛି । ଗତମାସରେ ଭାରତୀୟ ମହିଳା ଦଳ କାଜାଖସ୍ତାନ ବିପକ୍ଷରେ ଖେଳିଥିବା ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରୁ ଗୋଟିଏରେ ଜିତିଥିବାବେଳେ ଅନ୍ୟଟି ଡ୍ର ରହିଥିଲା ।

ସୟଦ ମୋଦି ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ତନ୍‌ଭି ଶର୍ମା, ଉନ୍ନତି ହୁଡ୍ଡା ଏବଂ କିଦାମ୍ବୀ ଶ୍ରୀକାନ୍ତ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ମହିଳା ଏକକ ମ୍ୟାଚ୍‌ରେ ୧୬ ବର୍ଷୀୟା ତନ୍‌ଭି ହଙ୍ଗ୍‌କଙ୍ଗ୍‌ର ସିନ୍ ୟାନ୍ ହାପି ଲୋ'ଙ୍କୁ ୨୧-୧୩, ୨୧-୧୯ରେ ପରାସ୍ତ କରିଥିଲେ ।

ସେ ଜାପାନର ହିନା ଆକେଚିଙ୍କ ସହ ମୁକାବିଲା କରିବେ । ଉନ୍ନତି ହୁଡ୍ଡା ଭାରତର ରକ୍ଷିତା ରାମରାଜଙ୍କୁ ୨୧-୧୫, ୧୩-୨୧, ୨୧-୧୬ରେ

ପରାସ୍ତ କରିଥିବାବେଳେ ସେମିଫାଇନାଲ୍‌ରେ ତୁର୍କୀର ନେସଲିହା ଆରିନ୍‌ଙ୍କ ସହ ମୁକାବିଲା କରିବେ ।

ପୁରୁଷ ଏକକରେ କିଦାମ୍ବୀ ଶ୍ରୀକାନ୍ତ ପ୍ରିୟାଂଶୁ ରାଜଓ୍ୱତ୍‌ଙ୍କୁ ୨୧-୧୪, ୧୧-୪ରେ ପରାସ୍ତ କରିଥିବାବେଳେ ମିଥୁନ ମଞ୍ଜୁନାଥ ୨୧-୧୮, ୨୧-୧୩ରେ ମନରାଗ ସିଂହଙ୍କୁ ପରାସ୍ତ କରିଛନ୍ତି ।

ମହିଳା ଡବଲ୍‌ସରେ ଗାୟତ୍ରୀ ଗୋପିଚାନ୍ଦ ଏବଂ ତ୍ରିଶା ଜଲି ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ଅଷ୍ଟ୍ରେଲିଆ ଯୋଡ଼ିକୁ ୨୧-୧୮, ୨୧-୧୪ରେ ପରାସ୍ତ କରିଛନ୍ତି ।

ଏଫ୍.ଆଇ.ଏଚ୍. ପୁରୁଷ ହକି ଜୁନିୟର୍ ବିଶ୍ୱକପ୍‌ରେ ପୁଲ୍-ବି'ର ଏକ ମ୍ୟାଚରେ ଭାରତ ୭-୦ ଗୋଲ୍‌ରେ ଚିଲିକୁ ପରାସ୍ତ କରିଛି । ଗତକାଲି ଚେନ୍ନାଇର ମେୟର ରାଧାକ୍ରିଷ୍ଣନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଜର୍ମାନୀ, ଆର୍ଜେଣ୍ଟିନା ଏବଂ ବେଲ୍‌ଜିୟମ୍ ବିଜୟ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ୨୪ଟି ଦଳ ଭାଗ ନେଇଛନ୍ତି ।

*****